# ଜାତୀୟ ଆଇନ୍ ସେବା ଦିବସ ପାଳିତ

ଅଦ୍ୟ ତା- ୦୯.୧୧.୨୦୧୭ ରିଖ ଦିନ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଢେଙ୍କାନାଳ ଦ୍ୱାରା ଜାତୀୟ ଆଇନ ସେବା ଦିବସ ଏକ ରାଲି ମାଧ୍ୟମରେ ପାଳନ କରାଯାଇଅଛି । ଢେଙ୍କାନାଳ ଟାଉନ୍ ରେ ଏକ ରାଲି ମାଧ୍ୟମରେ ଆଇନ ସଚେତନତା କରାଯାଇଅଛି । ଏହି ରାଲି ରେ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ, ସୁଲକ୍ଷଣା ଦେବି ମହିଳା ଉଚ୍ଚ ବିଦ୍ୟାଳୟ, ଲକ୍ଷୀଧର ମୁନିସ୍‌ପାଲ ଉଚ୍ଚ ବିଦ୍ୟାଳୟ ର ଛାତ୍ର ଛାତ୍ରୀ, ଛାତ୍ର ଆଇନ୍ ସାକ୍ଷରତା କ୍ଲବର କାର୍ଯ୍ୟରତ ଶିକ୍ଷକ/ଶିକ୍ଷୟତ୍ରୀ ଓ ପ୍ରାଧିକରଣ ର ପି.ଏଲ.ଭି. ଅଂଶଗ୍ରହଣ କରିଥିଲେ । ରାଲି ମାଧ୍ୟମରେ ଜନ ସାଧାରଣ ଙ୍କୁ ଆଇନ୍ ସେବା ପ୍ରାଧିକରଣର କାର୍ଯ୍ୟକାରିତା, ମାଗଣା ଆଇନ ସେବା ପ୍ରଦାନ, ଏବଂ ଏହିଠାରେ ଉପଲବ୍ଧ ହେଉଥିବା ବିଭିନ୍ନ ସେବା ବିଷୟରେ ଅବଗତ କରାଯାଇଥିଲା ।

ଏହି ରାଲି ରେ ଜିଲ୍ଲା ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବାପ୍ରାଧିକରଣ ର ଅଧ୍ୟକ୍ଷ ଶ୍ରୀ ତାରା ପ୍ରସାଦ ରଥ ନିଜ ପତାକା ଦେଖାଇ ଉଦଘାଟନ କରିଥିଲେ । ପାରିବାରିକ ଅଦାଲତ ର ବିଚାରପତି ପ୍ରତିମା ପଣ୍ଡା, ରେଜିଷ୍ଟ୍ରାର ସିଭିଲ କୋଟସ୍ ସଞ୍ଜିତ୍ କୁମାର ବେହେରା ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ସଚିବ ଅରୁଣ ପଟ୍ଟନାୟକ , ବରିଷ୍ଠ ଦେଓାନୀ ବିଚାରପତି( ମହିଳା ଙ୍କ ଅଦାଲତ) ଗିତାଂଜଳୀ ନନ୍ଦ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗିୟ ମାଜିଷ୍ଟ୍ରେଟ ବିବେକ ସାସମଲ, ସୋନାଲି ଅପରଜିତା, ପ୍ରମୁଖ ଏହି ରାଲିରେ ଯୋଗଦାନ କରିଥିଲେ ।

Secretary
District Legal Services Authority
Dhenkanal